## ଜଙ୍ଗଲ ଗାଥା

# ଆମେରେ  ଜଙ୍ଗଲ ଜାତି

ଆମେରେ ........ ସଭିଏଁ ଜଙ୍ଗଲ ଜାତି ।।୦।।
ଜଙ୍ଗଲ ରଖିବା ଆମର ନୀତି
ଏଥିପାଇଁ କେବେ କରନା ଭୀତି
ଆମ ସଂପଦକୁ ନେବା ସାଇତି ।।୧।।

ଏକତା ଆମର ପରମ ବଳ
ଅହିଂସା ଆମର ନୈତିକ କଳ
ଏହି ଆନ୍ଦୋଳନେ ଯିବାରେ ମାତି ।।୨।।

ଆମରି ଭିତରେ ଲଢ଼େଇ ନାହିଁ
ଆମରି ମନରେ ବଢ଼େଇ ନାହିଁ
ଜଙ୍ଗଲ ରଖିବା ଆମର କୀର୍ତ୍ତି ।।୩।।

'ଓଡ଼ିଶା' ମଞ୍ଚଟି ସୁରକ୍ଷା ଛତ୍ର
ଏହାରି ତଳେ ହେବା ଏକତ୍ର
ବଣ ଯୋଗୁଁ ଆମେ ବଂଚିବା ନିତି ।।୪।।

ଆମ ସଂଗଠନ ସୁଦୃଢ଼ ହେଉ
ଜଙ୍ଗଲ ସୁରକ୍ଷା ସ୍ଥା-ୟୀ ହେଉ
ବାଧା ବିଘ୍ନ ନୁହେଁ ଆମ ଅରାତି ।।୫।।

ଅନ୍ୟାୟକୁ ଆମେ ଡ଼ରିବା ନାହିଁ
ଭଲକାମ ମିଶି କରିବା ଭାଇ
ଜଳାଅ ଜଙ୍ଗଲ ମଶାଲ ସ୍ମୃତି
ଓଡ଼ିଶା ମଞ୍ଚରେ ରହୁଟି ପ୍ରୀତି ।।୬।।

ଆମ ରହୁଟି ପ୍ରୀତି
ରହୁଟି ପ୍ରୀତି, ଆମ ରହୁଟି ପ୍ରୀତି ।

**ପ୍ରଦୀପ୍ତ କୁମାର ପଟ୍ଟନାୟକ**
ନୟାଗଡ଼, ଜଙ୍ଗଲ ସୁରକ୍ଷା ମହାସଂଘ
ନୟାଗଡ଼

# ଖଲିଦନା ପ୍ରସ୍ତୁତି ଶିଳ୍ପ



ବନବାସୀମାନେ ଜୀବିକା ନିର୍ବାହ ପାଇଁ ଖାଦ୍ୟ, ବାସଗୃହ ଇତ୍ୟାଦି ପାଇଁ ଜଙ୍ଗଲଜାତ ସାମଗ୍ରୀ ଉପରେ ନିର୍ଭର କରନ୍ତି ଏବଂ ଜଙ୍ଗଲରୁ ଆବଶ୍ୟକତା ଅନୁଯାୟୀ ବନଜାତ ପଦାର୍ଥ ସଂଗ୍ରହ କରନ୍ତି । ଏଇ ଜଙ୍ଗଲଜାତ ଦ୍ରବ୍ୟଗୁଡ଼ିକ ମଧ୍ୟରୁ ଶାଳପତ୍ର ଓ ଶିଆଳୀ ଅନ୍ୟତମ । ଏହାର ପତ୍ରଗୁଡ଼ିକରୁ ନିର୍ମିତ ଖଲିଦନା ଆମର ବିବାହ, ବ୍ରତ ଓ ଯାନିଯାତ୍ରା ଇତ୍ୟାଦିରେ ଅତ୍ୟନ୍ତ ଦରକାରୀ । ଏହି ଖଲିଦନା ପ୍ରସ୍ତୁତି ଏକ କ୍ଷୁଦ୍ର ତଥା କୁଟୀରଶିଳ୍ପ ହିସାବରେ ନିକଟସ୍ଥ ଅଂଚଳରେ ସ୍ଥାପନ କରାଯାଇ ଶହଶହ ବେକାର ବଂଧୁମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିବାରେ ସହାୟକ ହୋଇପାରିବ । ଆସନ୍ତୁ, ଖଲିଦନା ଶିଳ୍ପ ଉପରେ ଆଲୋଚନା କରିବା ।

ଶିଳ୍ପର ନାମ : ଖଲିଦାନା ପ୍ରସ୍ତୁତି ଶିଳ୍ପ

ବସାଇବାର ସ୍ଥାନ : ଯେ କୌଣସି ଗାଁ / ସହର ଅଞ୍ଚଳରେ ଯେଉଁଠି ନିକଟରେ ଶାଳ, ଶିଆଳି ପତ୍ର ବହୁ ପରିମାଣରେ ମିଳିପାରିବ ।

କଞ୍ଚାମାଲ : ଶିଆଳି ପତ୍ର, ଶାଳପତ୍ର, ପତଳାକରି, ପତଳାକାଠି

ମେସିନ୍ : ପ୍ରେସ୍‌ଖଲି ମେସିନ୍ (ବିଭିନ୍ନ ଡ଼ିଜାଇନ୍‌ର ଦନା ପାଇଁ ଅଲଗା ଅଲଗା)

କାର୍ଯ୍ୟ ଦିବସ : ବର୍ଷକୁ ହାରାହାରି ୨୦୦ ଦିନ

ବିଜୁଳିଶକ୍ତି : ଏହି ୟୁନିଟ୍ ଚଳାଇବା ପାଇଁ ବିଦ୍ୟୁତ୍‌ର ଆବଶ୍ୟକତା ଅଛି ।

ମେସିନ ଚାଳନା : ଏହି ପ୍ରେସ୍ ଖଲି ମେସିନ୍ ମୋଟର କିମ୍ବା ପାଦରେ ଚଳାଯାଇପାରେ ।

ବିକ୍ରି : ଖଲିଦନା ନିକଟସ୍ଥ ସାପ୍ତାହିକ, ଦୈନିକ ହାଟ/ବଜାରରେ ବିକ୍ରୀ କରାଯାଇପାରିବ ।

ଉତ୍ପାଦିତ ସାମଗ୍ରୀ : ପ୍ରେସ୍ ଥାଳି, ଦନା, ଟ୍ରେ ଇତ୍ୟାଦି ।

ପୁଞ୍ଜି ବିନିଯୋଗ : ଗୋଟିଏ ୟୁନିଟ୍ ତଥା ଗୋଟିଏ ମେସିନ୍ ଚଳାଇବା ପାଇଁ ହାରାହାରି ଟ. ୨୦,୦୦୦/- ଆବଶ୍ୟକ ହୋଇଥାଏ ।

ଲାଭାଂଶ : ଏହି ଶିଳ୍ପରେ ଶତକଡ଼ା ୪୦% ଲାଭ ହୋଇଥାଏ ।

ମେସିନ୍ ମିଳିବାର ସ୍ଥାନ: ଏସ୍.ଭି.ଆର୍. ଇଣ୍ଡଷ୍ଟ୍ରି,ଓ.ଟି. ରୋଡ୍, ବାଲେଶ୍ୱର
କିମ୍ବା
ମୁଖ୍ୟ କାର୍ଯ୍ୟନିର୍ବାହୀ, ଓରେଡ଼ା, ୫୧ - ବି,
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୪

ଯଦି ଆପଣ ଏହି ଶିଳ୍ପ ବସାଇବାକୁ ଇଚ୍ଛୁକ ତେବେ ବୈଷୟିକ ଓ ବଜାର ସମ୍ବନ୍ଧୀୟ ସମସ୍ତ ତଥ୍ୟ ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ :

"ସଂଯୋଗ", ରୋଡ଼ନଂ-୨, କଣ୍ଢାବାଞ୍ଜି, ବଲାଙ୍ଗୀର

***ସଂଗ୍ରାହକ : କମଳେଶ ମହାନ୍ତି***